# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 March - 2024

### News Editor : *Tapan Kumar Moharana*

*********************************

## <u>ମୁଖ୍ୟ ସମ୍ବାଦ</u>

- ଓଡ଼ିଶାର ୨୧ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୮ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି

- ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହେଉଛି ମେଳନ ଉତ୍ସବ

- ହୋଲି ପର୍ବକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ କମିଶନରେଟ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ

ଏବଂ

- ସମ୍ବଲପୁର ହୀରାକୁଦଠାରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣାଧିନ; ସ୍ଥିତି ଅନୁଧ୍ୟାନ କଲେ ସ୍ୱତନ୍ତ୍ର ଡାକ୍ତରୀ ଦଳ

## ବି.ଜେ.ପି. ପ୍ରାର୍ଥୀ ତାଲିକା

ଭାରତୀୟ ଜନତା ପାର୍ଟି ଓଡ଼ିଶାର ୨୧ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୮ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୧୯ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିବା ୪ ଜଣ ସାଂସଦ ନୀତେଶ ଗଙ୍ଗଦେବ, ବସନ୍ତ ପଣ୍ଡା, ବିଶ୍ୱେଶ୍ୱର ଟୁଡୁ ଓ ସୁରେଶ ପୂଜାରୀଙ୍କୁ ଚଳିତଥର ଲୋକସଭା ପାଇଁ ପ୍ରାର୍ଥୀ କରାଯାଇ ନାହିଁ । ଅନ୍ୟପକ୍ଷରେ ସେମାନଙ୍କ ବଦଳରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ମୟୂରଭଞ୍ଜରୁ ନବଚରଣ ମାଝି ଏବଂ ବରଗଡ଼ରୁ ପ୍ରଦୀପ ପୁରୋହିତଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି । ସେହିଭଳି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରୁ ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ଼ରୁ ଜୁଏଲ୍ ଓରାମ, ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱରରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବଲାଙ୍ଗିରରୁ ସଂଗୀତା କୁମାରୀ ସିଂହଦେଓ, ପୁରୀରୁ ସମ୍ବିତ ପାତ୍ର, ଢେଙ୍କାନାଳରୁ ରୁଦ୍ରନାରାୟଣ ପାଣିଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରାଯାଇଛି ।

## ଦୋଳପୂର୍ଣ୍ଣମୀ-୧

ଆଜି ପବିତ୍ର ଦୋଳ ପୂର୍ଣ୍ଣମୀ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି । ଦୋଳ ଏବଂ ହୋଲି ପାଳନକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି ।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ହୋଲି ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ହୋଲି ଲୋକମାନଙ୍କ ମଧ୍ୟରେ ସଦ୍‌ଭାବନା ଆଣିଥାଏ। ହୋଲି ପର୍ବ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଭ୍ରାତୃଭାବର ବିକାଶ କରିବ ବୋଲି ସେ କାମନା କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ହୋଲି ପର୍ବ ଭ୍ରାତୃଭାବର ବିକାଶ କରିବା ସହ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଶ୍ରଦ୍ଧାର ପ୍ରଚାର କରିଥାଏ। ହୋଲି ପର୍ବ ଲୋକମାନଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବ ବୋଲି ସେ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲିର ଶୁଭକାମନା ଜଣାଇବା ସହ ଏହି ପାରମ୍ପରିକ ପର୍ବ ସମସ୍ତଙ୍କ ଜୀବନରେ ନୂଆ ଉତ୍ସାହ ନେଇ ଆସୁ ବୋଲି କହିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ଓଡ଼ିଆଙ୍କର ସୁଖ, ଶାନ୍ତି ଓ ଆନନ୍ଦ କାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋଳପୂର୍ଣ୍ଣିମା ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ଶୁଭକାମନା ଜଣାଇବା ସହ ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ଖୁସିର ସବୁ ରଙ୍ଗ ଭରିଦେଉ ବୋଲି କହିଛନ୍ତି ।

## ଶ୍ରୀମନ୍ଦିରରେ ଦୋଳ ପୂର୍ଣ୍ଣିମା

ପବିତ୍ର ଦୋଳ ପୂର୍ଣ୍ଣିମାରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ରତ୍ନ ସିଂହାସନ ଉପରେ ସୁନାବେଶରେ ଭକ୍ତଙ୍କୁ ଶ୍ରୀଜୀଉ ଦର୍ଶନ ଦେଉଛନ୍ତି। ଏହି ଅବସରରେ ଦୋଳବେଦୀରେ ଭୂଦେବୀ-ଶ୍ରୀଦେବୀଙ୍କ ସହିତ ଦୋଳଗୋବିନ୍ଦ ଅବିର ଖେଳିଛନ୍ତି। ମହାପ୍ରଭୁଙ୍କ ଏହି ଯାତ୍ରାକୁ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଆଜି ସକାଳ ଧୂପ ଶେଷ ହେବା ପରେ ପଟୁଆରରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଆସି ଅପରାହ୍ନରେ ଦୋଳବେଦିକୁ ବିଜେ କରିଥିଲେ। ଶ୍ରୀମନ୍ଦିର ଭିତରେ ୭ ଘେରା ବେଢା ପରିକ୍ରମା ପରେ ଦୋଳବେଦିରେ ୭ ଘେରା ଏବଂ ତଳେ ୭ ଘେରା ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପ୍ରଦକ୍ଷିଣ କରିଥିଲେ। ପରମ୍ପରା ଅନୁଯାୟୀ ବନ୍ଦାପନା ପରେ ଅବିର ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଦପାଠ ସହ ନାମ ସଂକୀର୍ତନ କରାଯାଇଥିଲା। ଶତାଧିକ ଭକ୍ତ ଏକ ପଟୁଆରରେ ଯାଇ ଫଗୁଖେଳରେ ସାମିଲ୍ ହୋଇଥିଲେ ।

## ଦୋଳବେଦୀରେ ମଦନମୋହନ

ଦୋଳପୂର୍ଣ୍ଣମୀ ଅବସରରେ ଆଜି ମଧ୍ୟ ସାକ୍ଷୀଗୋପୀନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି।  ସାକ୍ଷୀଗୋପୀନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଦୋଳବେଦୀକୁ ବିଜେ କରିଛନ୍ତି। ଭକ୍ତମାନେ ଦୋଳରେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିବା ଜଣାପଡିଛି ।

## ଦୋଳ – ରାଜ୍ୟପାଳ

ଦୋଳପୂର୍ଣ୍ଣିମା ଅବସରରେ ଆଜି ରାଜ୍ୟପାଳ ରଘୁବର ଦାସ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ଜଗନ୍ନାଥ ସମସ୍ତଙ୍କର କଲ୍ୟାଣ କରନ୍ତୁ ଏବଂ ସମସ୍ତଙ୍କ ଜୀବନ ସୁଖ ଓ ସମୃଦ୍ଧିରେ ଭରି ଦିଅନ୍ତୁ ବୋଲି କାମନା କରିଛନ୍ତି। ସେ କହିଛନ୍ତି, ହୋଲିର ରଙ୍ଗ ପରି, ଲୋକଙ୍କ ଜୀବନ ମଧ୍ୟ ସୁଖର ରଙ୍ଗରେ ଭିଜିଯାଉ।

## ହୋଲିରେ ଅଘଟଣ

ଆସନ୍ତାକାଲି ହୋଲି ପର୍ବକୁ ଦୃଷ୍ଟିରେ ରଖି କୌଣସି ଅଘଟଣ ରୋକିବା ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ୫ଟି ସ୍ଥାନରେ ଲାଇଫଗାର୍ଡ, ଜ୍ୟାକେଟ, ରବରବୋଟ ଆଦି ରଖାଯିବା ସହ ଅଗ୍ନିଶମ କର୍ମଚାରୀ ମୁତୟନ ହେବେ। ଏହାଛଡ଼ା କୁଆଖାଇ, ଦୟା ନଦୀ ଓ ପୁରୀ କେନାଲ ଆଦିରେ ଅଗ୍ନିଶମ କର୍ମଚାରୀ ମୁତୟନ ହେବେ। ପ୍ରତି ଡୁଠରେ ୬ ଜଣ ଉଦ୍ଧାରକାରୀ ଦଳ ରଖାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ନିଶାସକ୍ତ ଅବସ୍ଥାରେ ପାଣି ମଧ୍ୟକୁ ନ ଯିବା ଓ ଚୋରା ବାଲି ପ୍ରତି ସତର୍କ ରହିବାକୁ ଅଗ୍ନିଶମ ବିଭାଗ ପରାମର୍ଶ ଦେଇଛି।

ଏହାସହ ଲୋକମାନେ ମଦ୍ୟପାନଠାରୁ ଦୂରେଇ ରହିବା ସହ ନଦୀପଠାରେ ଗାଧୋଇବାକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ

ଦିଆଯାଇଛି । କିଛି ଅଘଟଣ ଘଟିଲେ ୧୧୨ ନମ୍ବରକୁ କଲ୍ କରିବାକୁ ଅଗ୍ନିଶମ ଅଧିକାରୀ ଅବନୀକାନ୍ତ ସ୍ୱାଇଁ କହିଛନ୍ତି ।

ଅନ୍ୟପକ୍ଷରେ ଆସନ୍ତାକାଲି ହୋଲି ପର୍ବ ପାଳନ ବେଳେ ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ସର୍ବସାଧାରଣ ସ୍ଥାନ ଏବଂ ବିଭିନ୍ନ ହୋଟେଲ୍‌ରେ ହୋଲି ପାଳନ ଉପରେ ସତର୍କ ଦୃଷ୍ଟି ରଖାଯାଇଛି ।

ରାସାୟନିକ ଦ୍ରବ୍ୟ ମିଶା ରଙ୍ଗ ବିକ୍ରି ହେଉଥିବା ଦୋକାନ ଉପରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଚଢ଼ଉ କରାଯାଇଛି । କଟକରେ ମଧ୍ୟ ଆସନ୍ତାକାଲି ହୋଲିପାଇଁ ୧୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହରରେ ମୁତୟନ କରାଯିବ । କୌଣସି ସ୍ଥାନରେ ରାସ୍ତା ଅବରୋଧ କରି ହୋଲି ଖେଳାଯାଇପାରିବ ନାହିଁ ବୋଲି କଟକ ଡି.ସି.ପି. ସୂଚନା ଦେଇଛନ୍ତି ।

## ବିଜେଡିରୁ ଇସ୍ତଫା

ଖଲ୍ଲିକୋଟର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଆଜି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ।

ଶ୍ରୀ ସେଠୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିବା ଜଣାପଡିଛି । ସେ ୨୦୦୯ ରୁ ୨୦୧୯ ପର୍ଯ୍ୟନ୍ତ ଖଲ୍ଲିକୋଟର ବିଧାୟକ ଥିଲେ ।

# ନିର୍ବାଚନମଣ୍ଡଳୀ – କେନ୍ଦୁଝର

କେନ୍ଦୁଝର ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ’ ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏଥିରେ କେନ୍ଦୁଝର ସଂସଦୀୟ କ୍ଷେତ୍ର ସମେତ ଜିଲ୍ଲାର ସମସ୍ତ ୬ଟି ବିଧାନସଭା ଓ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ଲାଗି ମେ’ ୨୫ରେ ମତଦାନ ଅନୁଷ୍ଠିତ ହେବ।

ଏଥିଲାଗି ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମେ’ ୬ ରଖାଯାଇଥିବାବେଳେ ୭ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ୧୩ ଲକ୍ଷ ୭୧ ହଜାର ୬୬୧ ଜଣ ମତଦାତା ରହିଛନ୍ତି। ସେଥିମଧ୍ୟରୁ ୬ ଲକ୍ଷ ୮୩ ହଜାର ୫୧୫  ଜଣ ପୁରୁଷ ଭୋଟର, ୬ ଲକ୍ଷ ୮୮ ହଜାର ୬୦ ଜଣ ମହିଳା ଏବଂ ୮୬ ଜଣ ଅନ୍ୟାନ୍ୟ ବର୍ଗ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ହଜାର ୪୮୪ ଜଣ ଦିବ୍ୟାଙ୍ଗ ଭୋଟର ଥିବାବେଳେ ୩୫ ହଜାର ୫୩୬ ଜଣ ଯୁବ ଭୋଟର ଓ ୮୦ ବର୍ଷ ବୟସରୁ ଅଧିକ ୨୦ ହଜାର ୫ ଜଣ ଭୋଟର ଅଛନ୍ତି।

ଜିଲ୍ଲାରେ ୬ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ସମେତ ୧ ହଜାର ୭୨୦ଟି ବୁଥରେ  ୧୨ ହଜାର ୩୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ଅନ୍ୟପକ୍ଷରେ, ସ୍ୱତନ୍ତ୍ର ଭାବେ ୧୭୪ଟି ସଖୀ ବୁଥ୍, ୩୦ଟି ଯୁବ ବୁଥ, ୩ଟି ଭିନ୍ନକ୍ଷମ ବୁଥ, ଏବଂ ଗୋଟେ ଏଥନିକ ବୁଥ କରାଯାଇଛି।

ଆସନ୍ତୁ ଶୁଣିବା ଆମ କେନ୍ଦୁଝର ଜିଲ୍ଲା ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀ କ'ଣ କହୁଛନ୍ତି....

**- V/O -**

## ହୀରାକୁଦ ଡାଇରିଆ – ଡାକ୍ତରୀଦଳ

ସମ୍ବଲପୁରର ହୀରାକୁଦ ସହରରେ ଝାଡାବାନ୍ତି ସଂକ୍ରମଣରେ ସୁଧାର ଆସିବାରେ ଲାଗିଛି। ସୂଚନା ଅନୁଯାୟୀ, ଆଜି ଗୋଟିଏ ଦିନରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ହୀରାକୁଦ ହସ୍‌ପିଟାଲରେ ଚିକିତ୍ସା ପାଇଁ ୩ ଜଣ ଭର୍ତ୍ତି ହୋଇଛନ୍ତି। ସେହିପରି ବୁର୍ଲା ମେଡିକାଲ୍‌ରେ ୧୧ ଜଣ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆଜି ସହରର ଜଳ ବିଶୋଧନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ଡାକ୍ତରୀ ଦଳ ବିଶୋଧନ କେନ୍ଦ୍ରରୁ ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଇଥିବା ଜଣାପଡିଛି। ଗତକାଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ୨ ଜଣିଆ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରିଥିଲେ।

ହୀରାକୁଦରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ଆଜିସୁଦ୍ଧା ୧୭୨ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଅଦ୍ୟାବଧି ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

## ପାଣିପାଗ

ରାଜ୍ୟର ଆଜି ୬ଟି ସହରରେ ଦିନ ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ରହିଥିବାବେଳେ ୩ଟି ସହରର ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ରହିଛି।

ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା  ୩୮ ଦଶମିକ ୫ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡ଼ରେ ୩୮ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିଥିବାବେଳେ ନବରଙ୍ଗପୁର, କଳାହାଣ୍ଡି, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଏବଂ ନୟାଗଡ଼ରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ।

ତେବେ କେତେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି  ।

*******************************